# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୦ ନଭେମ୍ବର ୨୦୨୫ ସୋମବାର ପୃଷ୍ଠା ୫




# ମୃତ୍ୟୁରୁ ଜୀବନ ଜୀବିକା।

ଗଙ୍ଗାନଦୀ ତଟରେ ଅଛି ଭାରତୀୟ ସଭ୍ୟତାର ସର୍ବପୁରାତନ ନଗରୀ ବାରଣାସୀ । ହିନ୍ଦୁମାନଙ୍କର ପବିତ୍ରତମ ନଗରୀ । ସାରା ବିଶ୍ୱରୁ ପର୍ଯ୍ୟଟକ ଆସନ୍ତି ଏଠାକୁ କୁରାତନ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅନୁଭୂତି ପାଇଁ । ଏଠି ସାରା ନଗରୀ ଆଳତୀ କର୍ପୂରର ସୁଗନ୍ଧରେ ମହମହ, ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ହାଲ୍‌କା ଶବ୍ଦର ଅନୁଭବ ସବୁ ସ୍ଥାନରେ । ଶାସ୍ତ୍ରବିଶ୍ୱାସୀମାନଙ୍କ ମତ ବାରାଣାସୀରେ ଦାହ ସଂସ୍କାର ଲାଭ କରୁଥିବା ଯେକୌଣସି ବ୍ୟକ୍ତି ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତି ପାଇ ମୋକ୍ଷ ଲାଭ କରନ୍ତି । ତେଣୁ ଅନେକଙ୍କର ଇଚ୍ଛା ଥାଏ ବାରାଣାସୀରେ ଶେଷନିଶ୍ୱାସ ତ୍ୟାଗ କରିବାକୁ । ଖାସ୍ ଏଥିପାଇଁ ଅନେକ ଧର୍ମଶାଳା ଅଛି ଯେଉଁଠି



ମୃତ୍ୟୁକାମୀମାନେ ଅପେକ୍ଷା କରିଥାଆନ୍ତି ସେମାନଙ୍କ ଜୀବନର ବହୁ ପ୍ରତ୍ୟାଶିତ ସେହି ଶୁଭଦିନକୁ । ମୁକ୍ତିକାମୀ ଏମିତି ଅନେକ ମୃତ୍ୟୁକାରୀ ବର୍ଷ ବର୍ଷ ନୁହେଁ ଦଶକ ଦଶକ ଧରି ମଧ୍ୟ ଏଠାରେ ଅପେକ୍ଷା କରିଥିବାର ନଜିର ଅଛି । ଆଉ କେତେକଙ୍କର ଇଚ୍ଛାଥାଏ ଏଇଠି ଗଙ୍ଗାନଦୀ କୂଳରେ ବାରାଣାସୀରେ ସେମାନଙ୍କର ଅନ୍ତିମ ସଂସ୍କାର ହେବ, ଗଙ୍ଗାଜଳରେ ତାଙ୍କ ପାର୍ଥିକ ଶରୀର ଶେଷସ୍ନାନ କରିବ, ଚିତାଭସ୍ମ ସବୁ ଗଙ୍ଗାରେ ମିଶିବ, ଆତ୍ମା ତୃପ୍ତ ହେବ ସେମାନଙ୍କର ଠିକ୍ ଯେମିତି ଆତ୍ମା ମୁକ୍ତି ପାଇଥିଲା ଭଗୀରଥଙ୍କ ପୂର୍ବପୁରୁଷଙ୍କର । ହଁ ବିଶ୍ୱାସ କରାଯାଏ ଏଠାରେ ମୃତ୍ୟୁବରଣ କରୁଥିବା ବା ଦାହ ହେଉଥିବା ପ୍ରତ୍ୟେକ ବ୍ୟକ୍ତିର କାନରେ ଶିବ ନିଜେ ରାମତାରକ ମନ୍ତ୍ର ପଢ଼ନ୍ତି । ଯାହାକି ଜନ୍ମମୃତ୍ୟୁର ଚକ୍ର ସମାପ୍ତି କରିଦିଏ ଯେ କୌଣସି ଆତ୍ମାର । ଏଠାରେ ଦାହ ହେଉଥିବା ବ୍ୟକ୍ତିକୁ ମୋକ୍ଷ ମିଳେ, ଏଥିରୁ ଲୋକମାନେ ଜୀବନ ଜୀବିକା ପାଇଁ ବ୍ୟବସାୟର ମାର୍ଗ ପାଆନ୍ତି । ମୃତ୍ୟୁ ହିଁ ବଞ୍ଚିବାର ରାଜା ଦିଏ ବାରାଣାସୀ ନଗରୀର ବାସିନ୍ଦାଙ୍କୁ । ଫୁଲବାଲାଙ୍କ ଠାରୁ ଆରମ୍ଭ କରି କାଠବାଲା, ଲୁଗାବାଲା, ବାରିକ, ଡମ, ଫଟୋଗ୍ରାଫର ଆଦି ଅନେକ ଦାହସଂସ୍କାରରୁ ହିଁ ରୋଜଗାର କରନ୍ତି । ଖୁବ୍ ସ୍ୱାଭାବିକ ଏଠି ଶବକୁ ନେଇ ବ୍ୟବସାୟ, ଠିକ୍ ଅନ୍ୟସବୁ ବ୍ୟବସାୟ ପରି । ତେବେ ଏଠି ଡମଙ୍କ କଥା ନିଆରା । ଶ୍ମଶାନ ଘାଟରେ ଡମ ବ୍ରାହ୍ମଣଠାରୁ ବି ଦାମୀ, ଦାହ ସଂସ୍କାରରେ ସେମାନେ ମୁଖ୍ୟ ପୁରୋଧର । ଶ୍ମଶାସନର ସଦା ଜ୍ୱଳନ୍ତ ପବିତ୍ର ଅଗ୍ନିର ଜଗୁଆଳ ସେମାନେ । ସବୁଠାରୁ ବଡ଼ କଥା ଶବ ସତ୍କାର ସମୟରେ ହିଁ ସେମାନେ ସମ୍ମାନନୀୟ, ଅନ୍ୟଥା ଅନ୍ୟ ସବୁବେଳେ ସେମାନେ ଅଛୁଆଁ ଜାତି ବା ଦଳିତଙ୍କ ମଧ୍ୟରେ ସବୁଠାରୁ ତଳେ ବା ମହାଦଳିତ ।



**ଡ**ମମାନେ ଶ୍ମଶାନର ଜଗୁଆଳ । ଶ୍ମଶାନରେ ଥିବା ମନ୍ଦିରର ଚୁଲ୍ଲାରେ ଥିବା ପବିତ୍ର ଅଗ୍ନିର ରଖୁଆଳ ସେମାନେ । ଏହି ଅଗ୍ନି ଯେମିତି ଲିଭି ନଯାଏ ସେ ଦାୟିତ୍ୱ ଡମମାନଙ୍କର । ବାରାଣାସୀରେ ଗଙ୍ଗାତଟରେ ୮୪ଟି ଶ୍ମଶାନ ଅଛି, ସେ ମଧ୍ୟରୁ ସବୁଠାରୁ ପ୍ରସିଦ୍ଧ ହରିଶ୍ଚନ୍ଦ୍ର ଘାଟ ଓ ମଣିକର୍ଣ୍ଣିକା ଘାଟ । ସେ ମଧ୍ୟରୁ ହରିଶ୍ଚନ୍ଦ୍ର ଘାଟର ଅନ୍ୟତମ ଜଗୁଆଳ ବିଧବା ଡମ ମହିଳା ଯମୁନା ଦେବୀ । ପ୍ରତିଥର 'ରାମନାମ ସତ୍ୟ ହେ' ଶବ୍ଦ ଶୁଣିବା ମାତ୍ରେ ସେ ତତ୍ପର



ହୋଇଯାଆନ୍ତି, ନିଆଁଚୁଲିକୁ ଆଉଟିକେ ପବନ ଦିଅନ୍ତି । କାରଣ ଏବେ ଶବକୁ ସ୍ନାନ କରାଇ ଜୁଇ ସଜାଡିବା ପରେ ତ ଅଗ୍ନି ଦରକାର ହେବ । ଅନେକ ସମୟରେ ଜଣେ ବିଧବା ମହିଳା ଶ୍ମଶାନ ରକ୍ଷକ ଭାବରେ ସେ ଅପମାନର ଶିକାର ହୁଅନ୍ତି । କିନ୍ତୁ କୁହନ୍ତି- ଶ୍ମଶାନ ଜାତି, ଧର୍ମ, ଲିଙ୍ଗ, ବୟସ ବା ଦାମ୍ପତ୍ୟର ସ୍ଥିତି କିଛି ଦେଖେନି । ଏହି କାମ ମତେ ସଶକ୍ତ କରିଛି । କାରଣ ଅନ୍ୟଠାରେ ଆମେ ଦଳିତ ଅପମାନିତ, କିନ୍ତୁ ଏଇଠାରେ ସମ୍ମାନ ଓ ଟାଣପଣରେ ଅଭାବ ହୁଏନି । ଯଦି ଏଠି ସମ୍ମାନ ଅଛି, ଅର୍ଥ ଅଛି ତା'ହେଲେ ମୃତକମାନଙ୍କ ପାଇଁ ବଞ୍ଚିବିନି କାହିଁକି?

ଶାସ୍ତ୍ରର ବର୍ଣ୍ଣନା ଅନୁଯାୟୀ- ଡମମାନେ ଶ୍ମଶାନର ରକ୍ଷକ, ଚିତାଗ୍ନିର ରକ୍ଷକ । ଡମଙ୍କ ଅନୁପସ୍ଥିତିରେ ଦାହ ସଂସ୍କାର ହେଲେ ଆତ୍ମା ସ୍ୱର୍ଗର ଦ୍ୱାର ଅତିକ୍ରମ କରିପାରେ ନାହିଁ । ଡମ ଜାତି ଅଭିଶପ୍ତ । ଏକଦା ଡମ ସମ୍ପ୍ରଦାୟର କାଲୁ ଡମ ନାମକ ଜଣେ ବ୍ୟକ୍ତି ଦେବୀ ପାର୍ବତୀଙ୍କର କାନଫୁଲ ଚୋରାଇ ନେବାରୁ ଶିବ ସେହି ସମୁଦାୟ ଜାତିକୁ ଅଭିଶାପ ଦେଇଥିଲେ । ଅଭିଶାପରୁ ମୁକ୍ତି ପାଇଁ ସେମାନେ ଶ୍ମଶାନ ଓ ଚିତାଗ୍ନିର ରକ୍ଷକ ହେବା ସ୍ୱୀକାର କରିଥିଲେ । ଏବେ ବାରାଣାସୀର ଅନେକ ଡମ କୃଷି, ଲୁଗାବୁଣା ଆଦିକୁ ଆପଣାଇଲେଣି, କିନ୍ତୁ ଅଧିକାଂଶ ମୃତ୍ୟୁକୁ ହିଁ ଜୀବିକା କରିଛନ୍ତି । ବର୍ତ୍ତମାନ ମଣିକର୍ଣ୍ଣିକା ଘାଟ ଓ ହରିଶ୍ଚନ୍ଦ୍ର ଘାଟର ଜଗୁଆଳ ଭାବରେ ୩୫ରୁ ଅଧିକ ଡମ ପରିବାର ନିୟୋଜିତ ଅଛନ୍ତି । ଉଭୟ ଘାଟର ଆୟତନ ପ୍ରାୟ ୩ବର୍ଗ କିଲୋମିଟର ଲେଖାଏଁ । ଗଙ୍ଗାନଦୀର ତଟରେ ବିସ୍ତାରିତ ହୋଇଛି ଏହି ଦୁଇ ଘାଟ । ମୃତଦେହ ପୋଡାର ଗନ୍ଧ, ଚିତାର ଧୂଆଁ ଓ ପାଉଁଶ ଏହି ଶ୍ମଶାନର ବାୟୁମଣ୍ଡଳରେ ଦିନରାତି ୨୪ଘଣ୍ଟା ଥାଏ । ଦାହ ସଂସ୍କାର ଓ ଧର୍ମୀୟ ବିଶ୍ୱାସରେ ଗଙ୍ଗାର ଗୁରୁତ୍ୱକୁ ନେଇ ଏହି ଘାଟ ସବୁଠାରୁ ମହତ୍ୱପୂର୍ଣ୍ଣ ବାରାଣାସୀରେ । ମୃତଦେହ ଏଠାରେ ପହଞ୍ଚିବା ପରେ ଏହାପକୁ ଗଙ୍ଗାଜଳରେ ସ୍ନାନ କରାଇ ଧଳାବସ୍ତ୍ର ପିନ୍ଧାଇ ମଥାରେ ବିଭୂତି ଲଗାଇ ଦିଆଯାଏ । ଦେହରେ ଫୁଲମାଳ ପକାଇ ଦିଆଯାଏ । ପ୍ରତି ଡମ ଦିନକୁ ପ୍ରାୟ ୨୦-୨୫ଟି ଶବ ଯାଆନ୍ତି ଦାହସଂସ୍କାର ପାଇଁ । ମୃତଦେହ ସମ୍ପୂର୍ଣ୍ଣ ଜଳିଯିବା ପରେ ଡମ ପରିବାରର ପିଲାମାନେ ପୋଷାକ ଓ ଯଦି କିଛି ଗହଣା ଥାଏ ତାକୁ ନେଇ ଆସନ୍ତି । ପୋଷାକ ଦୋକାନରେ ବିକ୍ରି ହୋଇଯାଏ କିମ୍ବା ସେମାନଙ୍କ ଘରେ ବ୍ୟବହୃତ ହୁଏ । ଶବସତ୍କାର ପରେ ସେଠି ଯାହାକିଛି ବଳିଥାଏ ଏପରିକି ଦରପୋଡ଼ା କାଠ ମଧ୍ୟ ଡମମାନଙ୍କ ଘରେ ବ୍ୟବହୃତ ହୁଏ । ୧୯୯୮ ମସିହାରେ ବାରାଣାସୀ ମ୍ୟୁନିସିପାଲଟି ପ୍ରତି ମୃତଦେହ ପାଇଁ ଡମମାନେ ୧୦୦ ଟଙ୍କା ଅସୁଲ କରିବାକୁ ଧାର୍ଯ୍ୟ କରିଥିଲେ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନେ ବ୍ୟକ୍ତିର ଆର୍ଥିକ ସ୍ଥିତିକୁ






ଦେଖି କମ୍ ବା ଅଧିକ ଅର୍ଥ ଦାବି କରନ୍ତି ।

ମୃତକମାନଙ୍କ ପାଇଁ ସର୍ବଶ୍ରେଷ୍ଠ ସ୍ଥାନ ବିବେଚିତ ହେଉଥିବା ବାରାଣାସୀର ଶ୍ମଶାନ ଘାଟଗୁଡ଼ିକରେ କିନ୍ତୁ ସବୁଆଡେ ଜୀବନର ସତ୍ତା, ଦାହ ସଂସ୍କାର ପୂର୍ବରୁ କଢ଼ାଯାଉଥିବା ଫୁଲ ଖାଇବା ପାଇଁ ଗାଈ, ଛେଳି ଆଦିଙ୍କର ଭିଡ଼ଥାଏ ଏଠି ସବୁବେଳେ । ସାଧୁ ସନ୍ନ୍ୟାସୀ ଓ ଭିକାରୀମାନେ ଭିକ୍ଷା ପାଇଁ ଥାଆନ୍ତି ପୁଣି ପର୍ଯ୍ୟଟକମାନେ ମଧ୍ୟ ମୃତ୍ୟୁପରର କାର୍ଯ୍ୟକୁ ଭଲ ଭାବରେ ଦେଖିବା ପାଇଁ ଏଠାରେ ଭିଡ଼ ଜମାଇ ଥା'ନ୍ତି । ମୃତ୍ୟୁ ଏଠାରେ ସବୁଠାରୁ ବଡ଼ ଆକର୍ଷଣ ।



ହରିଶ୍ଚନ୍ଦ୍ର ଘାଟର ଅନ୍ୟତମ ମୁଖ୍ୟ ରକ୍ଷକ ଯମୁନା ଦେବୀ କେଇ ଦଶକ ଧରି ଡମ କାର୍ଯ୍ୟ କରୁଛନ୍ତି । ହାତ ଗୋଡ଼ ଚଳୁଥିବା କାର୍ଯ୍ୟନ୍ତ ମଧ କରିବେ ବୋଲି କୁହନ୍ତି । ଯେତେବେଳେ ମୃତଦେହକୁ ସ୍ନାନ କରାଇ ଚାରିଫୁଟ ଉଚ୍ଚ ଚିତା ଉପରେ ଶୁଆଇ ଦିଆଯାଏ ସେତେବେଳେ ଜଳୁଥିବା ମଶାଲଟିଏ ଧରି ଯମୁନା ଦେବୀ ପହଞ୍ଚନ୍ତି ସେଠାରେ ଓ ମୁଖାଗ୍ନି ଦେଉଥିବା ବ୍ୟକ୍ତି ହାତକୁ ବଢ଼ାଇ ଦିଅନ୍ତି ଏହା । ଚିତା ଜଳିଯିବା ପରେ ଭସ୍ମ ସଂଗ୍ରହ କରିବାର ଦାୟିତ୍ୱ ତାଙ୍କ ସହଯୋଗୀମାନଙ୍କର । ମୃତଦେହ ପିଛା ସେ ୩୦୦ ଟଙ୍କା ଲେଖାଏଁ ନିଅନ୍ତି । ସାରା ସପ୍ତାହ ଦିନରେ ୮-୧୦ ଘଣ୍ଟା ଲେଖାଏଁ ଶ୍ମଶାନର ଦାୟିତ୍ୱ ତାଙ୍କର ।

ତାଙ୍କ କହିବା ଅନୁଯାୟୀ ପୂର୍ବେ କାଠ ଯୋଗାଡ଼ କରିବା ଓ ସତ୍କାର ପାଇଁ ସବୁ କିଛି ଯୋଗାଡ଼ କରିବାର ଦାୟିତ୍ୱ ମଧ୍ୟ ଥିଲା ଡମଙ୍କ ଉପରେ । ଏବେ ଲୋକମାନେ ଶ୍ମଶାନ ଘାଟ ପାଖରେ ଥିବା ଦୋକାନୀମାନଙ୍କଠାରୁ ନିଜେ ଏସବୁ କିଣି ଆଣୁଛନ୍ତି । ଏବେ ଡମମାନେ କେବଳ ଅଗ୍ନି ଯୋଗାଉଛନ୍ତି ଚିତା ପାଇଁ ହଁ ପରିବାର ଲୋକେ ନିଜ ସାମର୍ଥ୍ୟ ଅନୁଯାୟୀ ଚିତା ପାଇଁ କାଠ ବାଛନ୍ତି । ଧନୀଲୋକେ ଚନ୍ଦନ କାଠ କିଣୁଥିବା ବେଳେ ଗରିବ ଲୋକ ଯେକୌଣସି କାଠ ବାଛନ୍ତି ।



ଏ ସମ୍ପର୍କରେ 'ବାରାଣାସୀ ଆଣ୍ଡ ଲାଇଫ୍ ଅନ୍ କ୍ରିମେସନ୍ ଗ୍ରାଉଣ୍ଡ' ନାମକ ପୁସ୍ତକ ଲେଖିଥିବା ଡଃ. କେ.କେ. ଶର୍ମା କୁହନ୍ତି- ବାରାଣାସୀର ଶ୍ମଶାନ ଘାଟରେ ମୃତଦେହଟିଏ ପହଞ୍ଚିଗଲେ ୫ରୁ ୧୦ଜଣ ଘେରେଇ ଯାଆନ୍ତି ପରିଜନଙ୍କୁ । ଜଣେ କାଠ ବିକିବାର ଚେଷ୍ଟା କଲାବେଳେ, ଅନ୍ୟ କେହି ଘିଅ, ଫୁଲ, ଧୂପକାଠି, ଧଳାଲୁଗା ବା ସଂସ୍କାର ପାଇଁ ଆବଶ୍ୟକ ଅନ୍ୟ ସାମଗ୍ରୀ ବିକିବାକୁ ମୂଲଚାଲ ଆରମ୍ଭ କରିଦିଅନ୍ତି । ବେଳେବେଳେ ଡମମାନେ ମଧ ପରିଜନଙ୍କୁ ଶୋଷଣ କରନ୍ତି । ଚିତାରେ ଅଗ୍ନି ଦେବା ପାଇଁ ଖୁବ୍ ଉଚ୍ଚ ଦାମ୍ ନିମନ୍ତେ ଅଡି ବସନ୍ତି । ନିକଟସ୍ଥ ଗ୍ରାମର ରାମ ଯାଦବ ନାମକ ଜଣେ କୃଷକ ପିତାଙ୍କ ମୃତଦେହ ସତ୍କାର ପାଇଁ ଆସିବା ବେଳେ ଡମଙ୍କ ଶୋଷଣର ଶୀକାର ହୋଇଥିଲେ ବୋଲି ଅଭିଯୋଗ ବାଢ଼ିଥିଲେ । ଶ୍ରୀ ଯାଦବଙ୍କ ଅନୁଯାୟୀ ସେ ସମୟରେ ଶ୍ମଶାନରେ ଥିବା ଡମଙ୍କୁ ମୁଁ ୬୦୦ ଟଙ୍କା ଦେବା ପାଇଁ ରାଜି ଥିଲି ମାତ୍ର ସେ ଏଥିରେ ରାଜି ନହେବାରୁ ମୋକ୍ଷଦାୟୀ ପବିତ୍ର ଅଗ୍ନି ନିମନ୍ତେ ମୁଁ ସ୍ତ୍ରୀର ସୁନାଗୁଡ଼ି ବନ୍ଧା ପକାଇଲି । ତେବେ ଏଠାରେ ଥିବା ଡମରାଜା ଜଗଦୀଶ ଚୌଧୁରୀ କୁହନ୍ତି- ଆମେ ସୁବିଧାବାଦୀ କେମିତି ହୋଇପାରିବୁ ଯେତେବେଳେ ଆମେ ନିଜେ ଶୋଷିତ ଓ ଦଳିତ । ଯିଏ ଯାହା ଦିଏ ଆମେ ଗ୍ରହଣ କରୁ ସମସ୍ତଙ୍କୁ ସମ୍ମାନର ସହ ଦାହ କରୁ । ୩୦ବର୍ଷ ବୟସର ଶ୍ୟାମ ଚୌଧୁରୀ ବାଇକ୍ ମେକାନିକ୍ ହେବାକୁ ଚାହୁଁଥିଲେ । କିନ୍ତୁ ଡମ ହୋଇଥିବାରୁ ଏହା ସମ୍ଭବ ହେଲାନି । କେହି ତାଙ୍କୁ କାମ ଶିଖାଇଲେ ନାହିଁ । ଛୋଟ ଜାତି ଯୋଗୁଁ ପାଠ ପଢ଼ିବାର ସୁଯୋଗ ମଧ ମିଳିଲାନି, ତେଣୁ ବାପାଙ୍କ ବୃତ୍ତି ହିଁ ତାଙ୍କର ଏକମାତ୍ର ବିକଳ୍ପ ଥିଲା । ଏବେ ସେ ଏଥିରୁ ଢେର ରୋଜଗାର କରୁଛନ୍ତି ସତ ହେଲେ ନିଜ ପିଲାଙ୍କ ପାଇଁ ଏହି ଜୀବନ ଚାହାନ୍ତିନି । ସେ କୁହନ୍ତି- ଶବ ପୋଡାର ସେ କଦର୍ଯ୍ୟ ଗନ୍ଧରେ ମୋ ପିଲାଙ୍କୁ ରଖିବାକୁ ଚାହେଁନି । ଏବେ ସମୟ ବଦଳିଲାଣି । ସ୍କୁଲରେ ପାଠପଢ଼ିବାରେ ସମସ୍ୟା ନାହିଁ । ପାଠପଢ଼ି ସେମାନେ ଅନ୍ୟ ବୃତ୍ତି ବାଛିବେ ।




ଯମୁନା ଦେବୀ କୁହନ୍ତି- ଡମ ପିଲାମାନଙ୍କ ମଧ୍ୟରୁ କିଛି ଏ ବୃତ୍ତି ଛାଡ଼ିଲେ ବି ଏ ବ୍ୟବସାୟ କେବେ ବନ୍ଦ ହେବନି । ଯେ ପର୍ଯ୍ୟନ୍ତ ଲୋକେ ବାରାଣାସୀର ଘାଟରେ ଦାହ ସଂସ୍କାର କରୁଥିବେ ସେ ପର୍ଯ୍ୟନ୍ତ ଡମମାନେ ଖୋଜା ପଡୁଥିବେ ।

ସ୍ଥାନୀୟ ଚା' ଦୋକାନୀ ରାଜୁ କୁମାର କୁହନ୍ତି- ଡମମାନେ ଏଠାରେ କାମ କରି ମୋଟା ଅଙ୍କ ରୋଜଗାର କରୁଛନ୍ତି ସତ ହେଲେ ଏ ଜୀବନ ଖୁବ୍ କଷ୍ଟକର । ଶବ ପୋଡ଼ା କାମର ଯନ୍ତ୍ରଣା ଭୁଲିବା ପାଇଁ ସେମାନଙ୍କ ମଧ୍ୟରୁ ଅନେକେ ମଦ୍ୟପାନ କରନ୍ତି । ଚିତାର ଧୂଆଁ ଓ ପାଉଁଶ ଯୋଗୁଁ ଅନେକ ଡମ ଶ୍ୱାସଜନିତ ବିଭିନ୍ନ ରୋଗରେ ପୀଡ଼ିତ । ତେବେ ଏସବୁ ପରିବେଶରୁ ଡମମାନଙ୍କୁ ରକ୍ଷା କରିବା ପାଇଁ 'ଇକୋ ଫ୍ରେଣ୍ଡଲି ଲିଭିଙ୍ଗ୍ ଫାଉଣ୍ଡେସନ୍'ର ସଦସ୍ୟ ବିଜୟ ଲିଶାୟେ ଉଦ୍ୟମ ଚଳାଇଛନ୍ତି । ବାରାଣାସୀରେ ସୁସ୍ଥ ପରିବେଶରେ ଦାହ କରାଇବାର ରାସ୍ତା ଖୋଲିବାକୁ ସେ ଚେଷ୍ଟା କରୁଛନ୍ତି ଯାହା ବାରାଣାସୀର ପରିବେଶ ସହ ଡମମାନଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ସୁଧାରିବ ।





ଗୋବର ଓ କୃଷି ବର୍ଜ୍ୟ ଦ୍ୱାରା ମୃତଦେହ ସଂସ୍କାରର ପଦ୍ଧତି ଆପଣାଇବା ପାଇଁ ସେ ସଚେତନତା ସୃଷ୍ଟି କରୁଛନ୍ତି । କିନ୍ତୁ ଏଥିରେ କାଠ ବ୍ୟବସାୟୀମାନେ କ୍ଷୁବ୍ଧ । ବାରାଣାସୀରେ ଡମମାନେ କେବଳ ନିଜ ଜୀବିକା ଅର୍ଜନ କରନ୍ତିନି, ବ୍ରାହ୍ମଣ, ନାଉରିଆ, ଚା' ଦୋକାନୀ, ଜଳଖିଆ ଦୋକାନୀ, ଲସିବାଲା ଏପରିକି ଫଟୋଗ୍ରାଫରମାନେ ମଧ ଖୁବ୍ ରୋଜଗାର କରନ୍ତି ଏଠାରେ । ଅଘୋରୀ ସନ୍ନ୍ୟାସୀମାନେ ଶ୍ମଶାନ ଘାଟରେ ବସି ଧ୍ୟାନ କରିବା ବା ଚିଲମ ଟାଣିବାର ଦୃଶ୍ୟ ଖୁବ୍ ସାଧାରଣ ଏଠାରେ ।

ଯେତେ ଦୁଃଖରେ ଥିଲେ, ପ୍ରିୟଜନର ମୃତ୍ୟୁରେ ଭାଙ୍ଗିପଡ଼ିଥିଲେ ବି ମଣିଷ ଭୋକର ନିଦାନ ଖୋଜିବ ନିଶ୍ଚୟ । ଭାତରୁଟି ନହେଲେ ବି ଜଳଖିଆ ଖାଇବ ନିଶ୍ଚୟ । ଆଉ ତା' ସହ ଚା' ଓ ଲସି ତ ନିହାତି ଦରକାର । ତେଣୁ ଏସବୁ ଘାଟଗୁଡ଼ିକର ପ୍ରବେଶ ଦ୍ୱାରରେ ଚା', ଲସି ଓ ଜଳଖିଆ ଦୋକାନ ଅଛି । ମଣିକର୍ଣ୍ଣିକା ଘାଟର ପ୍ରବେଶ ପଥ



ନିକଟରେ ୭୦ବର୍ଷ ହେଲାଣି ଦୁଃଖୀ ପରିଜନ ଓ ଅନ୍ୟମାନଙ୍କର ତୃଷ୍ଣା ନିବାରଣ କରୁଛି 'ବ୍ଲୁ ଲସି ଦୋକାନ' । ୮୩ ପ୍ରକାରର ଲସି ମିଳେ ଏଠାରେ । ତେଣୁ ଏହା ଅନ୍ୟତମ ପ୍ରମୁଖ ସ୍ଥଳ ଏ ଘାଟ ଅଞ୍ଚଳରେ । ଏଠାରେ ଅଧଘଣ୍ଟାଏ ବସିଗଲେ ଅତିକମ୍‌ରେ ୭-୮ଟି ମୃତଦେହ ଯାଉଥିବା ଦେଖିବାକୁ ମିଳିଯିବ ।

ହଁ ମୃତ୍ୟୁରୁ ବ୍ୟବସାୟ ଏଇଠି ସରେନି । ସବୁଠାରୁ କଷ୍ଟକର ତଥା ଅନନ୍ୟ ବ୍ୟବସାୟ ଏଠି ଫଟୋଗ୍ରାଫି । ମୃତକର



ଶେଶଥା । ପଡ଼ିଯାଇଥିବା ଚେହେରା ଓ ମଳିନ ପଡ଼ିଯାଇଥିବା ପରିଜନଙ୍କ ଚେହେରାରୁ ଶ୍ରେଷ୍ଠ ଫଟୋ ତୋଳିବା ଏଠାରେ ଏକ ଭଲ କିନ୍ତୁ କଷ୍ଟକର ବ୍ୟବସାୟ । ଦାହ ସଂସ୍କାରର ଫଟୋରେ ସେମାନେ ବଲିଉଡ୍ ହିରୋଇନ୍‌ଙ୍କ ପିକ୍ଚର ପର୍‌ଫେକ୍‌ସନ ଖୋଜନ୍ତି । ମଡେଲ୍ ଫଟୋଗ୍ରାଫି ପରି ନାନା ଆଙ୍ଗେଲ୍ ଖୋଜନ୍ତି । ନିଜ ନିଜ ଦୋକାନ ଆଗରେ ସବୁଠାରୁ ଶ୍ରେଷ୍ଠ ଫଟୋ ମଧ୍ୟ ଲଗାନ୍ତି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ।

ମୃତକଙ୍କ ପାଇଁ ଏହା ମୋକ୍ଷସ୍ଥଳି, ପର୍ଯ୍ୟଟକଙ୍କ ପାଇଁ ଅନନ୍ୟ ଅନୁଭବର ସ୍ଥଳି ଆଉ ବାରାଣାସୀ ବାସିନ୍ଦାଙ୍କ ପାଇଁ ଏହା ନିତିଦିନିଆ ଜୀବନ ଠିକ୍ ସେମିତି ଫଟୋଗ୍ରାଫି । ଫଟୋ ଉଠାଇବାକୁ ସମସ୍ତେ ଭଲ ପାଆନ୍ତି । ସୁନ୍ଦର ସ୍ମୃତି ସବୁକୁ ସ୍ମରଣୀୟ କରି ରଖିବା ପାଇଁ ପ୍ରତି ଉତ୍ସବ ଅନୁଷ୍ଠାନରେ ଫଟୋଗ୍ରାଫର ଖୋଜା ହୁଅନ୍ତି । କିନ୍ତୁ ଜୀବନର ସବୁଠାରୁ ଉଲ୍ଲେଖନୀୟ ଘଟଣାର ଫଟୋ ଦସ୍ତାବିଜ ରଖିବା ବିଷୟରେ କେହି କେବେ ଚିନ୍ତା କରନ୍ତି କି? ନିଜ ପ୍ରିୟଜନର ମୃତ୍ୟୁ ପରି କଷ୍ଟକର ସମୟରେ ଫଟୋ ଉଠାଇବା ବିଷୟରେ ଭାବିବା ବି କଷ୍ଟକର ଯେ କୌଣସି ମଣିଷ ପାଇଁ । କିନ୍ତୁ ବାରାଣାସୀରେ ଏହା ଜୀବିକାର ଆଉ ଏକ ରାସ୍ତା ।

୨୫ବର୍ଷ ବୟସ୍କ ରାମ ନରେନ୍ଦ୍ର ୫ବର୍ଷ ହେବ ମଣିକର୍ଣ୍ଣିକା ଘାଟ ପାଖରେ ଫଟୋ ଷ୍ଟୁଡିଓ କରିଛନ୍ତି । ଏହି ଶ୍ମଶାନରେ ଦୈନିକ ପ୍ରାୟ ୨୦୦-୩୦୦ ଶବଦାହ ହୁଏ । ନିଜେ ନିଜେ ଫଟୋଗ୍ରାଫି ଶିଖିଥିବା ରାମ ନରେନ୍ଦ୍ର ସବୁବେଳେ ଫଟୋ ଉଠାଇବାର ସୌଖୀନ ଥିଲେ । ହେଲେ ଦିନେ 'ଡେଥ୍ ସାର୍ଟିଫିକେଟ୍' ପାଇଁ ଜଣେ ମୃତବ୍ୟକ୍ତିଙ୍କ ପରିଜନ ଫଟୋଟିଏ ଉଠାଇବାକୁ ତାଙ୍କୁ ଅନୁରୋଧ କଲେ । ସେ ପାଲଟି ଗଲେ ଡେଥ୍ ଫଟୋଗ୍ରାଫର । ପ୍ରଥମେ ପ୍ରଥମେ ଭାରତରେ ମୃତ ଲୋକଙ୍କ ଫଟୋ ଉଠାଇବାକୁ ଅଶୁଭ ମନେ କରାଯାଉଥିଲା । କିନ୍ତୁ ଧୀରେ ଧୀରେ ଲୋକମାନେ ଏହାକୁ ସ୍ୱାଭାବିକ ଭାବରେ ଗ୍ରହଣ କଲେ । ଡେଥ୍ ସାର୍ଟିଫିକେଟ୍ ଓ ରୁଚି ପାଇଁ ମଧ୍ୟ ଏବେ ଫଟୋ ଦରକାର ହେଉଛି । ଦାହସଂସ୍କାରରେ ନିଜେ ଉପସ୍ଥିତ ଥିବାର ପ୍ରମାଣ ସ୍ୱରୂପ ମଧ୍ୟ କିଛି ଲୋକ ଏପରି ଫଟୋ ଉଠାଉଛନ୍ତି । ତଥାପି ଏପର୍ଯ୍ୟନ୍ତ ମୃତ ଶିଶୁ, ଛୋଟପିଲା ଓ ଯୁବତୀମାନଙ୍କର ଫଟୋ ଉଠା ଆଦିକୁ ଏହି ଫଟୋଗ୍ରାଫରମାନେ ମଧ ଗ୍ରହଣ କରିପାରିନାହାନ୍ତି । ତେବେ ଭାରତରେ ଦକ୍ଷିଣ ଭାରତକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ଡେଥ୍ ଫଟୋଗ୍ରାଫି ଅଶୁଭ ମନେ କରାଯାଏ ।

ଊନବିଂଶ ଶତାବ୍ଦୀରେ ଯେତେବେଳେ କ୍ୟାମେରା ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହେଲା ସେତେବେଳେ ମୃତ ଶିଶୁକୁ ଧରିଥିବା ମା', ମୃତ ପିତାକୁ ଶେଷ ଚୁମା ଦେଉଥିବା ସନ୍ତାନ ବା ମୃତ ସ୍ୱାମୀକୁ ଶେଷଥର ପାଇଁ ଜଡେଇ ଧରିଥିବା ପତ୍ନୀ ଅନେକ ଅମର ଫଟୋ ପାଲଟିଥିଲା । ଏବେ ବାରାଣାସୀରେ ମୃତକଙ୍କ ଫଟୋ ଉଠାଇବାକୁ ସେମିତି କିଛି ବିଶେଷ କାମ ମନେ କରାଯାଏନି । କାରଣ ବାରାଣାସୀ ଜୀବିତଙ୍କ ପାଇଁ ନୁହେଁ ବରଂ ମୃତକଙ୍କ ପାଇଁ ଶ୍ରେଷ୍ଠ ନଗରୀ । ଏଠାରେ ଦାହ ହେବା, ମୃତ୍ୟୁ ଲଭିବା ଜୀବନଠାରୁ ଆହୁରି ଅଧିକ ମୂଲ୍ୟବାନ । ତେଣୁ ମୃତ୍ୟୁର ଏହି ମୂଲ୍ୟବାନ ଉପଲବ୍ଧିକୁ ଫଟୋରେ ରଖିଦେବାରେ କ୍ଷତି କ'ଣ ବୋଲି କୁହନ୍ତି ଅନ୍ୟ ଜଣେ ଫଟୋଗ୍ରାଫର ଶିବପାଲ୍ ।





